# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିନିକା

ଜିଲ୍ଲା: ସୁବର୍ଣ୍ଣପୁର, e-mail ID: binikan.hud@nic.in Phone/fax: ୦୬୬୫୪-୨୪୧୧୧୩

ପତ୍ର ସଂଖ୍ୟା. ୧୧୬୮ ତା...୧୧.../...୦୭.../୨୦୨୪

## ଘୋଷଣାନାମା

ଏତଦ୍ୱାରା ବିନିକା ସହରାଞ୍ଚଳର ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନାରାୟଣୀ ମାର୍କେଟ କମପ୍ଲେକ୍ସ ରେ ନିର୍ମିତ ଦୋକାନ ଘର ନଂ.୧୯ କୁ ଆବଣ୍ଟନ କରାଯିବାକୁ ଇଚ୍ଛୁକ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ଦୋକାନ ଘର ପାଇଁ ଅମାନତ ଜମା ରାଶି ଟ.୬୦,୦୦୦/- (ଷାଠିଏ ହଜାର ଟଙ୍କା ମାତ୍ର) (ଯାହାର ମାସିକ ଭଡା ଟ.୮୦୦/- ରହିବ) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, NAC Binka ଙ୍କ ନାମରେ ଆବେଦନ ଫର୍ମ ସହିତ ଦାଖଲ କରନ୍ତୁ। ଆବେଦନ ଫର୍ମ ପରିଷଦ କାର୍ଯ୍ୟାଳୟ ରୁ ଟ.୫୦୦/- ଜମାକରି ପାଇପାରିବେ। ଆବେଦନ ସମୟରେ ଆବେଦନ ଫର୍ମ ସହ ଫର୍ମ କ୍ରୟର ପ୍ରାପ୍ତ ରସିଦର ଅବିକଳ ନକଲ ଏବଂ ବ୍ୟାଙ୍କ ଡ୍ରାଫ୍ଟ ନିଶ୍ଚିତ ଭାବେ ସଂଯୋଗ କରିବା ବାଧ୍ୟତାମୂଳକ ଅଟେ। ଇଚ୍ଛୁକ ବ୍ୟକ୍ତି ତା.୧୧.୦୭.୨୦୨୫ରିଖ ୧୦.୦୦ ଘଟିକା ଠାରୁ ତା.୨୫.୦୭.୨୦୨୫ ରିଖ ୦୫.୦୦ ଘଟିକା ମଧ୍ୟରେ ଫର୍ମ କ୍ରୟ କରି ତା୨୫.୦୭.୨୦୨୫ ରିଖ ୦୫.୦୦ ଘଟିକା ଯାଏଁ କେବଳ speed post/ Registered Post ମାଧ୍ୟମରେ ପଠାଇ ପାରିବେ। ଏକାଧିକ ଆବେଦନ ଫର୍ମ ପ୍ରାପ୍ତ ହେଲେ ଲଟେରୀ ମଧ୍ୟମରେ ହିତାଧିକାରୀ ଚୟନ କରାଯିବ।

11.07.25

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା

ଜ୍ଞାପକ ସଂଖ୍ୟା- ୧୧୬୯ ତା- ୧୧/୦୭/୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ସୁବର୍ଣ୍ଣପୁର /ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର/ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିକା/ ତହସିଲଦାର ବିନିକା / ଥାନା ଅଧିକାରୀ ବିନିକାଙ୍କ ସଦ୍ୟ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା । ଏହାକୁ ନିଜ ନିଜ କାର୍ଯ୍ୟାଳୟ ଫଳକରେ ସ୍ଥାନିତ କରିବା ପାଇଁ ଅନୁରୋଧ କରାଗଲା।

11.07.25

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା

ଜ୍ଞାପକ ସଂଖ୍ୟା- ୧୧୭୦ ତା- ୧୧/୦୭/୨୦୨୫

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବସାଇଟ/ ଅଫିସ ୱେବସାଇଟ/ କାର୍ଯ୍ୟାଳୟ ଫଳକରେ ସ୍ଥାନିତ କରାଗଲା।

11.07.25

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା

# ସର୍ତ୍ତାବଳି

୧.ସମସ୍ତ ଆବେଦନପତ୍ର ୨୫.୦୭.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଡାକ ଜନିତ ବିଳମ୍ବ ପାଇଁ ପରିଷଦ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୨.ସମସ୍ତ ଆବେଦନପତ୍ର ବନ୍ଦ ଲଫାପା ଗୁଡିକ ତା୨୮.୦୭.୨୦୨୫ ରିଖ ଦିବା ୧୧.୦୦ ଘଟିକା ସମୟରେ ଆବେଦନକାରୀ/ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକାଙ୍କ କାର୍ଯ୍ୟାଳୟରେ ଖୋଲାଯିବା ସହ ଲଟେରୀ ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ।

୩.ଅସମ୍ପୂର୍ଣ୍ଣ ଆବେଦନ ପତ୍ର ବା ଅମାନତ ରାଶି ଜମା କରିନଥିବା ଆବେଦନ କାରୀଙ୍କୁ ଚୟନ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ।

୪.ଆବେଦନକାରୀ ନିଜ ସ୍ୱାକ୍ଷରରେ ଏକ ପାସପୋର୍ଟ ଫୋଟୋ ଆବେଦନ ପତ୍ର ରେ ସଂଲଗ୍ନ କରିବେ।

୫.ଆବେଦନ ସମୟରେ ଆବେଦନ ଫର୍ମ ସହ ଅମାନତ ରାଶି ବାବଦକୁ ବ୍ୟାଙ୍କ ଡ୍ରାଫ୍ଟ ସଂଯୋଗ କରିବା ବାଧ୍ୟତା ମୂଳକ ଅଟେ।

୬.ଆବଣ୍ଟନ ପ୍ରକ୍ରିୟା ଚୁଡାନ୍ତ ପରେ ଅସଫଳ ଆବେଦନକାରୀଙ୍କୁ ତାଙ୍କ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ କରାଯିବ।

୭.ଆବେଦନକାରୀ ବା ତାଙ୍କ ପରିବାରର କୌଣସି ବ୍ୟକ୍ତି ପୂର୍ବରୁ ପରିଷଦ ଦ୍ୱାରା ଆବଣ୍ଟିତ ଦୋକାନ ଗୃହର ମାଲିକାନା ଗ୍ରହଣ କରିନଥିବେ। ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକାରେ ବସବାସ କରୁଥିବା ଆବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ।

୮.ଆବେଦନକାରୀ ଦୋକାନ ପାଇବା ପାଇଁ ଚୟନ ହେବା ପରେ ସତ୍ୟପାଠ ଦାଖଲ କରିବେ କି ସେ ନିଜେ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବେ ଅର୍ଥାତ ଅନ୍ୟ କାହାକୁ ଭଡାରେ ଦେଇପାରିବେ ନାହିଁ । ଏହି ନିୟମକୁ ଅବମାନନା କଲେ ପରିଷଦ କର୍ତ୍ତୃପକ୍ଷ ଆପଣଙ୍କୁ ଦୋକାନ ଗୃହ ମାଲିକାନାରୁ ଉଚ୍ଛେଦ କରିବା ସହିତ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।

୯.ହିତାଧିକାରୀ ପ୍ରତ୍ୟେକ ମାସର ୫ ତାରିଖ ସୁଦ୍ଧା ଦୋକାନ ଗୃହ ଭଡା ପରିଷଦ କାର୍ଯ୍ୟାଳୟ ରେ ଜମା କରିବେ। ଯଦି ଲଗାତର ତିନି ମାସ ପର୍ଯ୍ୟନ୍ତ ଦୋକାନ ଗୃହ ଭଡା ଦେବାରେ ଖିଲାପ କରନ୍ତି ତେବେ ପରିଷଦ କର୍ତ୍ତୃପକ୍ଷ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ଚୁକ୍ତିନାମାକୁ ରଦ୍ଦ କରିପାରିବେ ଅଥବା ଅମାନତ ଜମା ରାଶି ରୁ ଦୋକାନ ଗୃହ ଭଡା କାଟିପାରିବେ।

୧୦.ଦୋକାନ ଗୃହର ବିଦ୍ୟୁତ ସଂଯୋଗ ଖର୍ଚ୍ଚ ଓ ମାସିକ ଦେୟ ନିଜେ ହିତାଧିକାରୀ ବହନ କରିବେ। ଦୋକାନ ଗୃହ ଆବଣ୍ଟିତ ହେବାପରେ ଦୋକାନର ଆକାରରେ କୌଣସି ପ୍ରକାର ପରିବର୍ତ୍ତନ କରିପାରିବେ ନାହିଁ ଅନ୍ୟଥା ପରିଷଦ କର୍ତ୍ତୃପକ୍ଷ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।

୧୧. ହିତାଧିକାରୀ କୌଣସି ପ୍ରକାର ଆପତ୍ତିଜନକ ସାମଗ୍ରୀ ଯଥା ମାଦକ ଦ୍ରବ୍ୟ, ବିସ୍ଫୋରକ ସାମଗ୍ରୀ ଇତ୍ୟାଦି ବ୍ୟବସାୟ କରିପାରିବେ ନାହିଁ । ଏହି ନିୟମ କୁ ଅବମାନନା କଲେ ପରିଷଦ କର୍ତ୍ତୃପକ୍ଷ ଆପଣଙ୍କୁ ଦୋକାନ ଗୃହ ମାଲିକାନାରୁ ଉଚ୍ଛେଦ କରିବା ସହ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।

୧୨.ଦୋକାନ ଗୃହ ଆବଣ୍ଟିତ ହେଲା ପରେ ହିତାଧିକାରୀ ଚୁକ୍ତିନାମାର ୧୫ ଦିନ ମଧ୍ୟରେ ପରିଷଦ କାର୍ଯ୍ୟାଳୟରୁ ବାଣିଜ୍ୟ ପ୍ରମାଣପତ୍ର ସଂଗ୍ରହ କରିବେ ଅନ୍ୟଥା ପରିଷଦ କର୍ତ୍ତୃପକ୍ଷ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ।

୧୩.କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା ବା ତାଙ୍କ ଦ୍ୱାରା ନିୟୋଜିତ ଅଧିକାରୀ ଯେକୌଣସି ସମୟରେ ଦୋକାନର ସ୍ଥିତି ଓ ପରିଚାଳନାର ଅନୁସନ୍ଧାନ କରିପାରିବେ ଏବଂ ହିତାଧିକାରୀ ଏଥିପାଇଁ ତାଙ୍କୁ କୌଣସି ବାଧା ଦେଇପାରିବେନି।

୧୪.ଭବିଷ୍ୟତରେ ଦୋକାନର ମାଲିକାନା କୁ ନେଇ କୌଣସି ଦ୍ୱନ୍ଦ ବା ବିବାଦ ସୃଷ୍ଟି ହେଲେ କୌଣସି ତୃତୀୟ ପକ୍ଷ ବା କୋର୍ଟଙ୍କ ହସ୍ତକ୍ଷେପ ବିନା ଅପୋଷ ବୁଝାମଣାରେ ଶାନ୍ତିପୂର୍ଣ୍ଣ ଭାବରେ ଏହାର ସମାଧାନ କରାଯିବ। ଏଥିପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା କର୍ତ୍ତୃପକ୍ଷ ନିଷ୍ପତ୍ତି ଚୁଡାନ୍ତ ଓ ସର୍ବମାନ୍ୟ ହେବ।

୧୫.ପରିଷଦ କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ସମସ୍ତ ପ୍ରକ୍ରିୟାକୁ ରଦ୍ଦ କରିପାରିବେ। ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟାରେ ପରିଷଦ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୁଡାନ୍ତ ଓ ସର୍ବମାନ୍ୟ ହେବ। ଏହାକୁ ସମସ୍ତ ଆବେଦନକାରୀ ଗ୍ରହଣ କରିବାକୁ ବାଧ୍ୟ

11.07.25

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା